# NATIONAL NEWS BULLETIN (ODIA)

**10 December - 2025**

**Morning Bulletin : 7.15 a.m.**

*******************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ନିର୍ବାଚନ ସଂସ୍କାର ଏବଂ ରାଜ୍ୟସଭାରେ ଜାତୀୟ ଗୀତ ବନ୍ଦେ ମାତରମ୍ ଉପରେ ଆଜି ମଧ୍ୟ ଜାରି ରହିବ ସ୍ୱତନ୍ତ୍ର ଆଲୋଚନା
- ମାନବାଧିକାର ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ ରାଷ୍ଟ୍ରପତି
- ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଶେଷ

–ବୃଦ୍ଧି ପାଇଲା ସଦସ୍ୟଙ୍କ ଦରମା, ଭତ୍ତା ଓ ପେନସନ

- କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଉପଯୋଗ ନେଇ ଭାରତରେ ସର୍ବବୃହତ ନିବେଶ କରିବ ମାଇକ୍ରୋସଫ୍ଟ

ଏବଂ

- ବାରବାଟୀ ଟି-୨୦ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୧ ରନ୍‌ରେ ବିଜୟୀ

## ଏଲ୍‌ଏସ୍ ଡିସ୍‌କସନ ଇଲେକ୍ସନ

ଲୋକସଭାରେ ଆଜି ନିର୍ବାଚନ ସଂସ୍କାର ଉପରେ ଆଲୋଚନା ଜାରି ରହିବ । ଗତକାଲିଠାରୁ ଆରମ୍ଭ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ଅଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ସ୍ୱାଧୀନତା ପରଠାରୁ

ସମସ୍ତଙ୍କୁ ସମାନ ଭୋଟ୍‌ଦାନ ଅଧିକାର ମିଳିଛି । କଂଗ୍ରେସ ଶାସନ ସମୟରେ ବହୁବାର ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କରାଯାଇଥିଲା ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ କରିଛନ୍ତି, ଯାହାଦ୍ୱାରା ଲୋକସଭା, ବିଧାନସଭାରେ ମହିଳାଙ୍କ ପାଇଁ ମୋଟ୍ ଆସନର ଏକ ତୃତୀୟାଂଶ ସଂରକ୍ଷିତ ରହିବ ।

**V/O (Arjun Meghawal)**

ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶ ଗ୍ରହଣ କରିଥିଲେ ।

# ଆର୍‌ଏସ୍ ବନ୍ଦେ ମାତରମ

ଜାତୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟସଭାରେ ଆଜି ମଧ୍ୟ ସ୍ୱତନ୍ତ୍ର ଆଲୋଚନା  ଜାରି ରହିବ । ଗୃହରେ ଗତକାଲି ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଏହି ଅମର କୃତୀ ଭାରତମାତା ପ୍ରତି କର୍ତ୍ତବ୍ୟ  ଓ ଭକ୍ତିର ଭାବନା ଜାଗ୍ରତ କରୁଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଏବଂ ବର୍ତ୍ତମାନ ଓ ୨୦୪୭ ବିକଶିତ ଭାରତ କାଳରେ ମଧ୍ୟ ବନ୍ଦେ ମାତରମର ପ୍ରାସଙ୍ଗିକତା ରହିବ ବୋଲି ସେ କହିଛନ୍ତି । ସମସ୍ତ ପ୍ରତିବନ୍ଧକ, ଅତ୍ୟାଚାର ଏବଂ କଷ୍ଟକୁ ଅତିକ୍ରମ କରି ବନ୍ଦେ ମାତରମ ଦେଶବାସୀଙ୍କ ହୃଦୟକୁ ସ୍ପର୍ଶ କରିବା ସହ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିଲା । ଶ୍ରୀ ଶାହା କହିଛନ୍ତି ବନ୍ଦେ ମାତରମ ମାଧ୍ୟମରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଦେଶର ସାଂସ୍କୃତି ବୈଭବ ଏବଂ ଭାରତ ମାତାକୁ ପୂଜା କରିବାର ପରମ୍ପରା ଓ ଜାତୀୟତାବାଦ ପୁନଃସ୍ଥାପିତ ହୋଇଥିଲା ।

**V/O (Amit Saha)**

ଆଲୋଚନାରେ ଅଂଶଗ୍ରହଣ କରି ବିରୋଧି ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଥିଲେ ସ୍ୱାଧୀନତା ସମୟରେ କଂଗ୍ରେସ ବନ୍ଦେ ମାତରମ ସ୍ଲୋଗାନ ଦେଇଥିଲା ।

## ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମାନବାଧିକାର ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ସମ୍ବୋଧନ ଦେବେ । ଜାତୀୟ ମାନବାଧିକାର କମିଶନ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ଦୈନନ୍ଦିନ ଆବଶ୍ୟକତା; ଲୋକସେବା ଏବଂ ସମସ୍ତଙ୍କ ପାଇଁ ସମ୍ମାନ ପ୍ରସଙ୍ଗ ନେଇ ବିଭିନ୍ନ ଅଧିବେଶନର ଆୟୋଜନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ଡିଜିସିଏ-ଇଣ୍ଡିଗୋ ଡାଇରେକ୍ଟିଭ୍

ବିମାନସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋକୁ ଚଳିତ ଶୀତଋତୁରେ ବିଭିନ୍ନ ପଥରେ ଉଡ଼ାଣକୁ ୧୦ ପ୍ରତିଶତ ହ୍ରାସ କରିବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ-ଡିଜିସିଏ ନିର୍ଦ୍ଦେଶ ଦେଇଛି । ବିମାନ ଉଡ଼ାଣ ବାତିଲ ଏବଂ ଅନୁମୋଦିତ ସମୟ ସୂଚୀକୁ ଦକ୍ଷତାର ସହ ପରିଚାଳନା କରିବାରେ ଇଣ୍ଡିଗୋର ବିଫଳତା ଆଧାରରେ ଏହି ନିର୍ଦ୍ଦେଶ ଦିଆଯାଇଛି । ବିମାନ ଉଡ଼ାଣ ତତ୍ତ୍ୱାବଧାରକ ଏକ ବିଜ୍ଞପ୍ତିରେ କହିଛନ୍ତି, ଗତ ନଭେମ୍ବର ମାସ ସୁଦ୍ଧା ଇଣ୍ଡିଗୋକୁ ୬୪ ହଜାର ୩୪୬ ଉଡ଼ାଣ ପାଇଁ ଅନୁମୋଦନ

କରାଯାଇଥିଲା । ସେଥିରୁ ୫୯ ହଜାର ୪୩୮ ଉଡ଼ାଣ ହୋଇଥିବା ବେଳେ ୯୫୧ଟି ବାତିଲ ହୋଇଛି । ଶୀତରତୁ ପାଇଁ ୪୦୩ ବିମାନ ଉଡ଼ାଣ ସହିତ ୬ ପ୍ରତିଶତ ସମୟସୂଚୀ ବୃଦ୍ଧି କରାଯାଇଥିଲେ ମଧ୍ୟ ଇଣ୍ଡିଗୋ ଗତ ମାସରେ କେବଳ ୩୪୪ ବିମାନ ଉଡ଼ାଣ କରିଛି । ଆଜି ଅପରାହ୍ନ ୫ଟା ସୁଦ୍ଧା ନିର୍ଦ୍ଦେଶାବଳୀ ଆଧାରିତ ସଂଶୋଧିତ ସମୟସୂଚୀ ଦାଖଲ କରିବାକୁ ଡିଜିସିଏ ଇଣ୍ଡିଗୋକୁ ନିର୍ଦ୍ଦେଶ ଦେଇଛି ।

## ଇଣ୍ଡିଆ-ୟୁଏସ୍

ଭାରତ-ଆମେରିକା ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ଆମେରିକାର ଉପସଚିବ ଆଲିସନ୍ ହୁକରଙ୍କ ସହ-ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଉଭୟ ପକ୍ଷ ବିଶ୍ୱ ରଣନୈତିକ ସହଭାଗିତା ଉପରେ ସମୀକ୍ଷା କରିଛନ୍ତି ।

ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ସହଯୋଗ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଯୋଗାଣ ଶୃଙ୍ଖଳ ସମେତ ପ୍ରମୁଖ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଏହି ବୈଠକରେ ଉଭୟପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗକୁ ନେଇ ଉଭୟ ପକ୍ଷ ଏକ ମୁକ୍ତ ତଥା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସହଭାଗୀ ପ୍ରତିବଦ୍ଧତା ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛନ୍ତି । ଏକବିଂଶ ଶତାବ୍ଦୀ ପାଇଁ ସାମରିକ ସହଭାଗିତା, ତ୍ୱରିତ ବାଣିଜ୍ୟ ଏବଂ

ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ କରିବାକୁ ଦୁଇଦେଶ ସହମତ ହୋଇଥିବା ମନ୍ତ୍ରଣାଳୟ କହିଛି ।

## ଓଡ଼ିଶା ଆସେମ୍ବ୍ଲି

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ନିର୍ଦ୍ଧାରିତ ସମୟ ପୂର୍ବରୁ ଗତକାଲି ଶେଷ ହୋଇଛି । ଏହି ଅଧିବେଶନ କାଳରେ ଗୃହ ୧୧ ଦିନ ପାଇଁ କାର୍ଯ୍ୟ କରିଥିଲା । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ପାଇଁ ମୋଟ୍ ୨୯ଟି କାର୍ଯ୍ୟଦିବସ ଧାର୍ଯ୍ୟ କରାଯାଇଥିଲା । ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଂଜୁରୀ ବିଲ୍ ଅଧିବେଶନ କାଳରେ ଗୃହର ଅନୁମୋଦନ ଲାଭ କରିଛି । ଅନ୍ୟ କୌଣସି ବିଧାନସଭା କାର୍ଯ୍ୟସୂଚୀ ବିଚାରାଧୀନ ନଥିବାରୁ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଅଧିବେଶନକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ପ୍ରସ୍ତାବକୁ ଗ୍ରହଣ କରି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି ।

ଗତକାଲି ସର୍ବସମ୍ମତିକ୍ରମେ ବିଧାନସଭା ସଦସ୍ୟଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସ୍ତାବ ପାରିତ ହୋଇଛି । ପ୍ରସ୍ତାବ ଅନୁଯାୟୀ ଏହି ବର୍ଦ୍ଧିତ ଦରମା ଓ ଭତ୍ତା ଗତବର୍ଷ ଜୁନ୍ ୫ ତାରିଖରୁ ପିଛିଲା ଭାବେ କାର୍ଯ୍ୟକାରୀ ହେବ । ନୂତନ ବ୍ୟବସ୍ଥା ଅନୁଯାୟୀ ପୂର୍ବତନ ବିଧାୟକମାନେ ମଧ୍ୟ ଅଧିକ ପେନ୍‌ସନ୍ ଓ ଭତ୍ତା ପାଇବେ । ବିଧାୟକଙ୍କର ମାସିକ ମୂଳ ଦରମା ୩୫ ହଜାର ଟଙ୍କାରୁ ୯୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରତିମାସରେ ସଦସ୍ୟଙ୍କୁ ମିଳୁଥିବା ୪୦ ହଜାର ଟଙ୍କାର ଆନୁସଙ୍ଗିକ ଭତ୍ତାକୁ ୯୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ପୂର୍ବତନ ବିଧାୟକ ଏବେ ପ୍ରତିମାସରେ ୧ ଲକ୍ଷ ୧୭ ହଜାର ଟଙ୍କା ପେନସନ ସହିତ ଅନ୍ୟାନ୍ୟ ଅତିରିକ୍ତ ଭତ୍ତା ପାଇବେ ।

## ନାଡେଲା-ଏମ୍ଏସ୍ ଇନ୍ଭେଷ୍ଟ

ସଫ୍ଟଓୟାର କମ୍ପାନୀ ମାଇକ୍ରୋସଫ୍ଟ ଭାରତରେ ୧୭ଦଶମିକ ୫ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି । ଦେଶରେ କୃତ୍ରିମ ବୁଦ୍ଧିମତ୍ତା ଭବିଷ୍ୟତକୁ ଦୃଷ୍ଟିରେ ରଖି ଭିତ୍ତିଭୂମି, ଦକ୍ଷତା ଏବଂ ଆନୁସଙ୍ଗିକ ବ୍ୟବସ୍ଥା ନିର୍ମାଣ ଲକ୍ଷ୍ୟ ନେଇ ଏହି ଅର୍ଥ ନିବେଶ କରାଯିବ ବୋଲି ମାଇକ୍ରୋସଫ୍ଟ କହିଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାଡେଲା ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି । ଭାରତର ମହତ୍ତ୍ୱାକାଂକ୍ଷାକୁ ସମର୍ଥନ ପ୍ରଦାନ କରିବା ପାଇଁ ମାଇକ୍ରୋସଫ୍ଟ କମ୍ପାନୀ ଏହି ସର୍ବବୃହତ ନିବେଶ କରିବାକୁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

କମ୍ପାନୀ ଏକ ବିବୃତିରେ କହିଛି, ଭାରତରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରସାରକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୬ରୁ  ଆଗାମୀ ୪ ବର୍ଷ ମଧ୍ୟରେ ନିବେଶ ଅର୍ଥ ବିନିଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଇକ୍ରୋସଫ୍ଟ କମ୍ପାନୀର ଏଭଳି ସର୍ବବୃହତ ନିବେଶକୁ ସ୍ୱାଗତ କରିଛନ୍ତି । ସାମାଜିକ ଗ୍ଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତର ନେତୃତ୍ୱକୁ ଏହା ଗତି ପ୍ରଦାନ କରିବ । ସେ କହିଛନ୍ତି, ଦେଶର ଯୁବବର୍ଗଙ୍କୁ ଏହା ପ୍ରୋତ୍ସାହନ ପ୍ରଦାନ କରିବା ସହିତ କୃତ୍ରିମ ବୁଦ୍ଧିମତ୍ତାର ସଠିକ୍ ଉପଯୋଗ ହୋଇପାରିବ ।

ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଶ୍ରୀ ନାଲେଡାଙ୍କ ସହ ଗତକାଲି ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଯୁକ୍ତିବିଦ୍ୟାର ପ୍ରକୃଷ୍ଟ ଉପଯୋଗ, ତଥ୍ୟ ସଂରକ୍ଷଣ ତଥା ସମାଜ ମଙ୍ଗଳରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଉପରେ ସେମାନଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ମାଇକ୍ରୋସଫ୍ଟ କମ୍ପାନୀର ଏହି ନିବେଶ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଅଂଶୀଦାର ଭାବରେ ଭାରତର ଅଗ୍ରଣୀ ଭୂମିକାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## କ୍ରିକେଟ

କଟକ ବାରବାଟୀ ଷ୍ଟାଡିୟମରେ ଗତକାଲି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଟି-୨୦ କ୍ରିକେଟ ମ୍ୟାଚରେ ଭାରତ ୧୦୧ରନ୍‌ରେ ବିଜୟ ହାସଲ କରିଛି । ହାର୍ଦ୍ଦିକ ପାଣ୍ଡିଆଙ୍କ ଅର୍ଦ୍ଧଶତକ ବଳରେ ଭାରତ ୨୦ଓଭରରେ ୬ଓ୍ୱିକେଟ ହରାଇ ୧୭୫ରନ୍ ସଂଗ୍ରହ କରିଥିଲା । ୧୭୬ରନ୍‌ର ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ମାତ୍ର ୭୪ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଦୁଇଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଚଳିତ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ନୂଆ ଚଣ୍ଡୀଗଡ଼ ମୁଲାନପୁରସ୍ଥିତ ମହାରାଜା ଯଦବିନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍ଧ୍ୟା ୭ଟାରେ ଖେଳାଯିବ ।

# ୱିମେନ୍ସ ହକି

ଏଫ୍‌ଆଇଏଚ୍ କନିଷ୍ଠ ମହିଳା ହକି ବିଶ୍ୱକପ୍ ୨୦୨୫ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ସାଣ୍ଟିଆଗୋ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୩-୧ ଗୋଲ୍‌ରେ ଉରୁଗୁଏକୁ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ସମାନ ସ୍ତରରେ ରହିବାରୁ ପେନାଲ୍‌ଟି ସୁଟ୍‌ଆଉଟ୍ ହୋଇଥିଲା ।

ଆସନ୍ତାକାଲି ଭାରତ-ସ୍ପେନ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।